**ନନ୍ଦକୁମାର ନାରାୟଣରାଓ ଘୋଡମାରେ**

**ବନାମ**

**ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟମାନେ**

**ଅକ୍ଟୋବର 30, 1995**

**[କେ. ରାମସ୍ୱାମୀ ଏବଂ ବି.ଏଲ୍. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]**

*ସେବା ଆଇନ:*

*ନିଯୁକ୍ତି - ଅପିଲକାରୀ ବର୍ଣ୍ଣାନ୍ଧତା କାରଣରୁ ଅକ୍ଷମ - ଲୋକ ସେବା ଆୟୋଗଙ୍କ ଦ୍ୱାରା ଚୟନ - ଅକ୍ଷମତା କାରଣରୁ ନିଯୁକ୍ତି ପ୍ରଦାନ କରାଯାଇନାହିଁ - ନିର୍ଣ୍ଣୟ: ଅପିଲକାରୀଙ୍କୁ କୌଣସି ଉପଯୁକ୍ତ ପଦବୀରେ ନିଯୁକ୍ତି ପାଇଁ ବିଚାର କରାଯାଇପାରେ ।*

**ଅପିଲକାରୀ ବର୍ଣ୍ଣାନ୍ଧତା କାରଣରୁ ଅକ୍ଷମ ଥିଲେ । ସେ ଲୋକ ସେବା ଆୟୋଗଙ୍କ ଦ୍ୱାରା ଚୟନ ହୋଇଥିଲେ; କିନ୍ତୁ ତାଙ୍କର ଅକ୍ଷମତା ହେତୁ ତାଙ୍କୁ ନିଯୁକ୍ତ କରାଯାଇପାରି ନଥିଲା । ମହାରାଷ୍ଟ୍ର ପ୍ରଶାସନିକ ନ୍ୟାୟାଧିକରଣଙ୍କ ନିକଟରେ ବିଫଳ ହେବା ପରେ, ଅପିଲକାରୀ ବିଶେଷ ଅନୁମତି ମାଧ୍ୟମରେ ଏହି ଅପିଲ ଦାୟର କରିଥିଲେ ।**

**ଏହି ଅପିଲକୁ ମଞ୍ଜୁର କରି ଏହି ନ୍ୟାୟାଳୟ ରାୟ ଦେଇଥିଲେ ଯେ:**

**ଅପିଲକାରୀ ତାଙ୍କ ସତ୍ୟପାଠରେ ଉଲ୍ଲେଖ କରିଥିବା ୫ଟି ପଦବୀ ବ୍ୟତୀତ ଦ୍ୱିତୀୟ ଶ୍ରେଣୀ ସେବାର ଅନ୍ୟ ଯେକୌଣସି କୃଷି ଅଧିକାରୀ ପଦବୀରେ ଅପିଲକାରୀଙ୍କୁ ନିଯୁକ୍ତି ଦେବା ପାଇଁ ସରକାର ବିଚାର କରିବା ନ୍ୟାୟୋଚିତ ଏବଂ ସମୀଚୀନ ହେବ । ଅପିଲକାରୀ ନିଜ ମାମଲାର ବିଚାର ପାଇଁ ଏହି ନ୍ୟାୟାଳୟରେ ଦାୟର କରିଥିବା ସତ୍ୟପାଠର ଏକ ନକଲ ସମ୍ପୃକ୍ତ ବିଭାଗକୁ ପ୍ରଦାନ କରିବା ଉଚିତ । ଦୁଇ ମାସ ମଧ୍ୟରେ ନିଯୁକ୍ତି ପ୍ରଦାନ କରାଯିବା ଆବଶ୍ୟକ । [566- E]**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 9856/1995 ।

ମୂଳ ଆବେଦନ ସଂଖ୍ୟା 884/1993 ରେ ମହାରାଷ୍ଟ୍ର ପ୍ରଶାସନିକ ନ୍ୟାୟାଧିକରଣଙ୍କ ବମ୍ବେ ବିଚାରପୀଠଙ୍କ 28.2.94 ତାରିଖର ରାୟ ଏବଂ ଆଦେଶ ବିରୁଦ୍ଧରେ ।

ଅପିଲକାରୀଙ୍କ ପକ୍ଷରୁ ଏମ୍.ଡି. ଅଦକର୍, ଏସ୍.ଡି. ସିଂହ ଏବଂ ଏଜାଜ୍ ମକବୁଲ୍ ।

ଉତ୍ତରଦାତାମାନଙ୍କ ପକ୍ଷରୁ ଡି.ଏମ୍. ନାରଗୋଲକର୍ ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:

ଅନୁମତି ପ୍ରଦାନ କରାଗଲା ।

ସ୍ୱୀକୃତ ଭାବେ, ଅପିଲକାରୀ ବର୍ଣ୍ଣାନ୍ଧତା କାରଣରୁ ଅକ୍ଷମ ଅଟନ୍ତି । ସେ ସ୍ୱୀକୃତ ଭାବେ ଲୋକ ସେବା ଆୟୋଗଙ୍କ ଦ୍ୱାରା ଚୟନ ହୋଇଥିଲେ କିନ୍ତୁ ତାଙ୍କର ଅକ୍ଷମତା ହେତୁ ନିଯୁକ୍ତି ଦିଆଯାଇପାରି ନଥିଲା । ଯେତେବେଳେ ଏହି ମାମଲା ମାର୍ଚ୍ଚ 27, 1995 ରେ ବିଚାର ପାଇଁ ଆସିଲା, ଏହି ନ୍ୟାୟାଳୟ ସୂଚନା ଜାରି କରିବା ସହ ନିମ୍ନମତେ ଆଦେଶ ପ୍ରଦାନ କରିଥିଲେ:

> "ଆବେଦନକାରୀ ତାଙ୍କୁ ସମ୍ପାଦନ କରିବାକୁ ଥିବା କାର୍ଯ୍ୟର ପ୍ରକୃତି ଏବଂ ତାଙ୍କର ବର୍ଣ୍ଣାନ୍ଧତା ତାଙ୍କ କର୍ତ୍ତବ୍ୟ ସମ୍ପାଦନରେ ବାଧା ସୃଷ୍ଟି କରିବ କି ନାହିଁ, ସେ ବିଷୟରେ ଜଣାଇବା ଉଚିତ । ଉତ୍ତରଦାତାମାନେ ମଧ୍ୟ ଏହି ସମ୍ବନ୍ଧରେ ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବେ । ଯଦି ଆବଶ୍ୟକ ହୁଏ, ସେମାନେ ଆବେଦନକାରୀଙ୍କୁ ଜଣେ ସରକାରୀ ଚକ୍ଷୁ ରୋଗ ବିଶେଷଜ୍ଞ କିମ୍ବା ବୋର୍ଡ ଦ୍ୱାରା ଡାକ୍ତରୀ ପରୀକ୍ଷା ପାଇଁ ପଠାଇ ପାରିବେ" ।

ଉକ୍ତ ଆଦେଶ ସତ୍ତ୍ୱେ ସରକାର ସେ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ଅନ୍ୟପକ୍ଷରେ, ଅପିଲକାରୀ ମେ 2, 1995 ରେ ଏକ ସତ୍ୟପାଠ ଦାୟର କରି ବିସ୍ତୃତ ଭାବେ ଜଣାଇଥିଲେ ଯେ ସେ ହାସଲ କରିଥିବା ସୂଚନା ଅନୁଯାୟୀ, ବିଭାଗରେ 35 ଟି ପଦବୀ ରହିଛି ଏବଂ କେବଳ ପାଞ୍ଚଟି ପଦବୀ ପାଇଁ ବର୍ଣ୍ଣାନ୍ଧତା ମୁକ୍ତ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ଆବଶ୍ୟକ । ସେହି ପାଞ୍ଚଟି ପଦବୀ ସତ୍ୟପାଠରେ ଉଲ୍ଲେଖ କରାଯାଇଛି । ଅନ୍ୟ ପଦବୀଗୁଡ଼ିକରେ, ନିଯୁକ୍ତି ପାଇଁ ବର୍ଣ୍ଣାନ୍ଧତା ତାଙ୍କ ପାଇଁ କୌଣସି ପ୍ରତିବନ୍ଧକ ନୁହେଁ ।

ଏଭଳି ପରିସ୍ଥିତିରେ, ଆମେ ଏହା ନ୍ୟାୟୋଚିତ ଏବଂ ସମୀଚୀନ ମନେ କରୁଛୁ ଯେ, ସରକାର ଅପିଲକାରୀଙ୍କୁ ତାଙ୍କ ସତ୍ୟପାଠରେ ଉଲ୍ଲେଖ କରିଥିବା ୫ଟି ପଦବୀ ବ୍ୟତୀତ ଦ୍ୱିତୀୟ ଶ୍ରେଣୀ ସେବାର ଅନ୍ୟ ଯେକୌଣସି କୃଷି ଅଧିକାରୀ ପଦବୀରେ ନିଯୁକ୍ତି ଦେବା ପାଇଁ ବିଚାର କରିବା ଉଚିତ। ଅପିଲକାରୀ ନିଜ ମାମଲାର ବିଚାର ପାଇଁ ଆମ ସମ୍ମୁଖରେ ଦାୟର କରିଥିବା ସତ୍ୟପାଠର ଏକ ନକଲ ସମ୍ପୃକ୍ତ ବିଭାଗକୁ ପ୍ରଦାନ କରିବେ । ଏହି ଆଦେଶ ପ୍ରାପ୍ତିର ଦୁଇ ମାସ ମଧ୍ୟରେ ନିଯୁକ୍ତି ପ୍ରଦାନ କରାଯିବା ଆବଶ୍ୟକ ।

ଅପିଲଟିକୁ ମଞ୍ଜୁର କରାଗଲା । କୌଣସି ଖର୍ଚ୍ଚ ଧାର୍ଯ୍ୟ କରାଯାଉନାହିଁ ।

ଆର୍.ପି. ଅପିଲ ମଞ୍ଜୁର ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***<u>ଭାଷାନ୍ତର :</u>***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**